## ତହସିଲଦାରଙ୍କ କାର୍ଯ୍ୟାଳୟ, ଡେଙ୍କାନାଳ

**ପତ୍ର ସଂଖ୍ୟା ୧୭୩୮ ତା ୨୨.୦୨.୨୦୨୩**

**ବିଜ୍ଞାପନ**

**ଲଘୁ ଖଣିଜ ଦ୍ରବ୍ୟର ଦୀର୍ଘମିଆଦି ଲିଜ୍ ନିମନ୍ତେ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ ଡେଙ୍କାନାଳ ଜିଲ୍ଲା ତହସିଲ, ଡେଙ୍କାନାଳ ଅନ୍ତର୍ଗତ କାଇମାଟି ମାଙ୍କଡାପଥର ଖଣି ଲଘୁଖଣିଜ ଉତ୍ସ ର ଆସନ୍ତା ୫ ବର୍ଷ ଅର୍ଥାତ୍ ଚୁକ୍ତିପତ୍ର (Execution of Lease Deed) ସଂପାଦନ କରିବା ଦିନଠାରୁ ଦିର୍ଘମିଆଦି ଲିଜ୍ ପାଇଁ ତହସିଲଦାର, ଡେଙ୍କାନାଳ ଙ୍କ ଦ୍ୱାରା **୧୩.୦୩.୨୦୨୩, ୨୦.୦୩.୨୦୨୩** ଓ **୨୭.୦୩.୨୦୨୩** ରିଖ ଅପରାହ୍ନ **୪** ଘଟିକା ସମୟରେ ଯଥା କ୍ରମେ ପ୍ରଥମ ପର୍ଯ୍ୟାୟ, ଦ୍ୱିତୀୟ ପର୍ଯ୍ୟାୟ , ତୃତୀୟ ପର୍ଯ୍ୟାୟରେ ନିଲାମ କରାଯିବ ।

ଏହି ସୈରାତ ଉତ୍ସ ଗୁଡିକର ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଓ ସର୍ତ୍ତାବଳୀ ଇତ୍ୟାଦିର ସବିଶେଷ ସୂଚନା ତହସିଲ କାର୍ଯ୍ୟାଳୟ, ଡେଙ୍କାନାଳ (ଛୁଟିଦିନ ବ୍ୟତିତ) ସମସ୍ତ କାର୍ଯ୍ୟଦିବସରେ ଉପଲବ୍ଧ ହେବ ଏବଂ ଜିଲ୍ଲା ୱେବ୍‌ସାଇଟ୍ www.dhenkanal.nic.in ରେ ଉପଲବ୍ଧ ଅଛି । ଲିଜ୍ ଗ୍ରହଣ କରିବା ପାଇଁ ଦରଖାସ୍ତ ଗୁଡିକ ରେଜିଷ୍ଟ୍ରି / ସ୍ପିଡ୍ ପୋଷ୍ଟ ମାଧ୍ୟମରେ ଯଥା କ୍ରମେ **୧୩.୦୩.୨୦୨୩, ୨୦.୦୩.୨୦୨୩** ଓ **୨୭.୦୩.୨୦୨୩** ରିଖ ଅପରାହ୍ନ **୩** ଘଟିକା ପୂର୍ବରୁ ଉକ୍ତ କାର୍ଯ୍ୟାଳୟରେ ପହଞ୍ଚିବା ଆବଶ୍ୟକ। ଧାର୍ଯ୍ୟ ତାରିଖ ଓ ସମୟ ପରେ ପ୍ରାପ୍ତି ହୋଇଥିବା ଦରଖାସ୍ତ ଗୁଡିକ ଗ୍ରହଣ ଯୋଗ୍ୟ ହେବ ନାହିଁ । ବିନା କାରଣ ଦର୍ଶାଇ ନିଲାମ ବାତିଲ କରିବାର ଅଧିକାର କର୍ତ୍ତୃପକ୍ଷ ଙ୍କ ପାଖରେ ରହିଅଛି ।

ଯଦି ଉକ୍ତ ଇସ୍ତାହାରରେ କୌଣସି ତୃଟିପରିଲିକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଅଛି ।

ସ୍ୱା/-

ତହସିଲଦାର, ଡେଙ୍କାନାଳ

TAHASILDAR
DHENKANAL

୨୨/୦୨/୨୦୨୩

# ତହସିଲଦାରଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ

ବିଜ୍ଞପ୍ତି ସଂଖ୍ୟା ୧୭୩୧ ତା ୨୨.୦୨.୨୦୨୩

**ଲଘୁ ଖଣିଜ ଦ୍ରବ୍ୟ ଦୀର୍ଘମିଆଦି ଲିଜ୍ ନିମନ୍ତେ ବିଜ୍ଞାପନ**

**(ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ-୨୦୧୬ / ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ସଂଶୋଧନ ନିୟମାବଳୀ ୨୦୧୭, ୨୦୧୮ ଓ ୨୦୨୨ ଅନୁଯାୟୀ )**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ଢେଙ୍କାନାଳ ତହସିଲ ଅନ୍ତର୍ଗତ ସୂଚୀରେ ପ୍ରଦତ୍ତ Annexure-I ନିମ୍ନ ଲଘୁ ଖଣିଜ ଦ୍ରବ୍ୟ ସଇରାତ ଉତ୍ସକୁ ୫ (ପାଞ୍ଚ) ବର୍ଷ ଅର୍ଥାତ୍ ଚୁକ୍ତିପତ୍ର (Execution of Lease Deed) ସଂପାଦନ କରିବା ଦିନଠାରୁ ଦୀର୍ଘମିଆଦି ଲିଜ୍ ସୂତ୍ରେ ନେବାପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

ଇଚ୍ଛୁକ ବ୍ୟକ୍ତିମାନେ, ଓଡିଶା ଲଘୁଖଣିଜ ଦ୍ରବ୍ୟରିହାତି ନିୟମାବଳୀ - ୨୦୧୬ (Odisha Minor Mineral Concession Rules,2016) ବର୍ଣ୍ଣିତ ଫର୍ମ- M ପୂରଣକରି ଏହାର ତିନି କପି ସହିତ ନିମ୍ନଲିଖିତ ଆବଶ୍ୟକୀୟ କାଗଜାତ/ ଦଲିଲ ସଂଲଗ୍ନ କରି ଦାଖଲ କରିବେ ।

୧. ଦରଖାସ୍ତ ଫି ବାବଦକୁ ଟ. ୧,୦୦୦/- ଟଙ୍କାର ଟ୍ରେଜେରୀ ଚାଲାଣ (Head of Account- 0853-Non-ferrous Mining and Metallurgical Industries-102- Mineral concession fees, Rents & Royalties) ରେ ଦାଖଲକରି ଏହାର ପ୍ରତିଲିପି ପ୍ରଦାନ କରିବେ । ଏହି ଦରଖାସ୍ତ ଫି ଫେରସ୍ତ କରାଯିବ ନାହିଁ ।

୨. ଆବେଦନ କରିଥିବା ଲିଜ ଜମିର ସଂପୂର୍ଣ୍ଣ ବିବରଣୀ ଓ ନକ୍ସା ସଂଲଗ୍ନ କରିବେ ।

୩. ଦରଖାସ୍ତକାରୀଙ୍କ ନାମରେ ଉପରୋକ୍ତ ନିୟମାବଳୀ ଅନୁଯାୟୀ କୌଣସି ଖଣିଜ ଦେୟ (No Dues Certificate) ବକେୟା ନଥିବା ଦର୍ଶାଇ ଏକ ସତ୍ୟପାଠ ସଂଲଗ୍ନ କରିବେ ।

୪. (କ) ଇଚ୍ଛୁକ ନିଲାମ ଧାରୀ ବ୍ୟକ୍ତି ବିଗତ ବର୍ଷର ଆୟକର ଦାଖଲ (Income Tax Return) ର ନକଲ ଦାଖଲ କରିବେ ଯେଉଁଥିରେ ନିଲାମ ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କର ବାର୍ଷିକ ଆୟ ନିମ୍ନଲିଖିତ ନିର୍ଦ୍ଧାରିତ ହୋଇଥିବା ମୂଲ୍ୟଠାରୁ କମ୍ ହୋଇନଥିବ ।

***"(ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ପରିମାଣ (Minimum Guaranteed Quantity)X ପ୍ରଦାନ କରାଯାଇଥିବା ଅତିରିକ୍ତ ଚାର୍ଜ (Offered Additional Charge per CuM) + ଦେୟ ପ୍ରଦାନ କରାଯାଉଥିବା ରୟାଲଟି (Rate of Royalty per CuM)"***

(ଖ) ନିଲାମ ପାଇଁ ଇଚ୍ଛୁକ ବ୍ୟକ୍ତି ଉପର ଲିଖିତ ମୂଲ୍ୟର ବ୍ୟାଙ୍କ ପତ୍ୟାଭୂତି (Bank Guarantee) ଅଠର ମାସ ଅବଧିର ଦାଖଲ କରିବେ ଯାହାକି ଉପର ଲିଖିତ ମୂଲ୍ୟଠାରୁ କମ୍ ହୋଇନଥିବ ।

୫. ଏକ ବର୍ଷର ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (MGQ) ଉପରେ ନିର୍ଦ୍ଧାରିତ ଅତିରିକ୍ତ ଦେୟ (Addl. Charge) ଓ ରୟାଲଟି (Royalty) ର ଶତକଡା ୫ ଭାଗ EMD (Earnest Money Deposit) ତହସିଲଦାର, ଢେଙ୍କାନାଳଙ୍କ ସପକ୍ଷରେ ଡିମାଣ୍ଡ ବ୍ୟାଙ୍କ ଡ୍ରାଫଟ୍ (Bank Draft) ଦରଖାସ୍ତ ସହ ସଂଲଗ୍ନ କରିବେ ନଚେତ୍ ଦରଖାସ୍ତଟିକୁ ବିଚାରକୁ ନିଆଯିବ ନାହିଁ ।

ସୁଧାଂଶୁ ଶେଖର ସାହୁ 22/02/2023
TAHASILDAR
DHENKANAL

Scanned with CamScanner

୬. ଅନ୍ୟାନ୍ୟ ଆବଶ୍ୟକିୟ ତଥ୍ୟ ତଥା ବୈଷୟିକ ଜ୍ଞାନ, ଅଭିଜ୍ଞତା, ପାଖରେ ଥିବା ଯନ୍ତ୍ର ସମୂହ ଓ ଆର୍ଥିକ ସ୍ଥିତି ଇତ୍ୟାଦିର ପ୍ରମାଣ ପତ୍ର ସଂଲଗ୍ନ କରିପାରନ୍ତି ।

୭. ବିଗତ ବର୍ଷ ଓ ଚଳିତ ବର୍ଷ ର ଆୟକର ଦାଖଲ (Income Tax Return ) ବିବରଣୀର ନକଲ ଓ GST Registration Certificate ର ନକଲ ସଂଲଗ୍ନ କରିବେ ଏବଂ ପରିଚୟ ପତ୍ର ଯଥା ପ୍ୟାନ କାର୍ଡ , ଆଧାର କାର୍ଡ ର ନକଲ ସଂଲଗ୍ନ କରିବେ ।

୮. କୌଣସି ସଇରାତ ଉତ୍ସ ନିମନ୍ତେ ଆବେଦନ କରିବା ପୂର୍ବରୁ ଦରଖାସ୍ତ କାରୀ ଉକ୍ତ ଉତ୍ସକୁ ପରିଦର୍ଶନ କରିଥିବାର ଏକ ସ୍ୱଘୋଷିତ ଲିଖିତନାମା ଦାଖଲ କରିବେ ।

୯. ଦରଖାସ୍ତକାରୀ ଲଫାପାର ଉପରିଭାଗରେ ବଡ ଅକ୍ଷରରେ କେଉଁ ସଇରାତ ଉତ୍ସ ନିମନ୍ତେ ଆବେଦନ କରୁଛନ୍ତି ଏବଂ ଆବେଦନକାରୀଙ୍କ ନାମ, ଠିକଣା ଓ ଫୋନ ନଂ ସ୍ପଷ୍ଟ ଭାବରେ ଉଲ୍ଲେଖ କରିବେ ।

***ବି.ଦ୍ର - ମାଙ୍କଡା ପଥର ଖଣି କୁ କୁ ସଂଯୋଗ କରୁଥିବା ଅସ୍ଥାୟୀ ରାସ୍ତାର ରକ୍ଷଣାବେକ୍ଷଣ କାର୍ଯ୍ୟ ସର୍ବୋଚ୍ଚନିଲାମଧାରୀ ନିଜସ୍ୱଖର୍ଚ୍ଚରେ କରିବେ ।***

ଇଚ୍ଛୁକ ଦରଖାସ୍ତକାରୀ ଉପରୋକ୍ତ କାଗଜାତ ସହ ଦରଖାସ୍ତ ଯଉମୁଦଦିଆ (Sealed Cover) ଲଫାପାରେ **Register Post / Speed Post** ଯୋଗେ ନିମ୍ନ ଲିଖିତ ଠିକଣାରେ ପଠାଇବାକୁ ହେବ । ***ତା ୧୩.୦୩.୨୦୨୩ ରିଖ ଅପରାହ୍ନ ୩ ଘଟିକା ସୁଦ୍ଧା ଦରଖାସ୍ତ ଗୁଡିକ ଉକ୍ତ କାର୍ଯ୍ୟାଳୟରେ ପହଞ୍ଚିବା ଆବଶ୍ୟକ । ଏବଂ ଉକ୍ତ ଦିନ ଅର୍ଥାତ୍ ତା ୧୩.୦୩.୨୦୨୩ ରିଖ ଅପରାହ୍ନ ୪ ଘଟିକା ସମୟରେ ଗ୍ରହଣ କରାଯାଇଥିବା ଦରଖାସ୍ତ ଗୁଡିକ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ସମ୍ମୁଖରେ ଖୋଲାଯିବ । ସମସ୍ତ ଦରଖାସ୍ତ ଗୁଡିକୁ ତନଖି କରାଯାଇ ଚୁଡାନ୍ତ କରାଯିବ ଏବଂ ଅସମ୍ପୂର୍ଣ୍ଣ ଦରଖାସ୍ତ କୁ ବାତିଲ କରାଯିବ । ଉପରୋକ୍ତ ଧାର୍ଯ୍ୟ ସମୟପରେ ଦରଖାସ୍ତ ଗ୍ରହଣୀୟ ହେବନାହିଁ ।***

ଯଦି ପ୍ରଥମ ଧାର୍ଯ୍ୟ ତାରିଖ ମଧ୍ୟରେ ଉକ୍ତ ଉତ୍ସ ପାଇଁ ଦରଖାସ୍ତ ପ୍ରାପ୍ତ ନ ହୁଏ କିମ୍ବା ସମସ୍ତ ଦରଖାସ୍ତକାରୀ ଲିଜ୍ ପାଇଁ ଅଯୋଗ୍ୟ ବିବେଚିତ ହୁଅନ୍ତି, ତା ହେଲେ ଉକ୍ତ ଉତ୍ସପାଇଁ ପୁନର୍ବାର ଇଚ୍ଛୁକ ବ୍ୟକ୍ତି ମାନେ ତା ୧୩.୦୩.୨୦୨୩ ରିଖ ରୁ ତା ୨୦.୦୩.୨୦୨୩ ରିଖ ଅପରାହ୍ନ ୩ ଘଟିକା ସୁଦ୍ଧା ଯେକୌଣସି ସରକାରୀ କାର୍ଯ୍ୟ ଦିବସରେ ଆବେଦନ କରିପାରିବେ ଏବଂ ଧାର୍ଯ୍ୟ ସମୟ ମଧ୍ୟରେ ଗ୍ରହଣ କରାଯାଇଥିବା ଦରଖାସ୍ତ ଗୁଡିକୁ ତା ୨୦.୦୩.୨୦୨୩ ରିଖ ଅପରାହ୍ନ ୪ ଘଟିକା ସମୟରେ ତନଖି କରାଯାଇ ଚୁଡାନ୍ତ କରାଯିବ ଏବଂ ଅସମ୍ପୂର୍ଣ୍ଣ ଦରଖାସ୍ତ କୁ ବାତିଲ କରାଯିବ। ଯଦି ଦ୍ୱିତୀୟଥର ମଧ୍ୟ କୌଣସି ଦରଖାସ୍ତ ଆସି ନଥାଏ କିମ୍ବା ସମସ୍ତ ଦରଖାସ୍ତ ଗୁଡିକ ଅଯୋଗ୍ୟ ବିବେଚିତ ହୁଅନ୍ତି ତେବେ ତୃତୀୟଥର ତଥା ଶେଷଥରପାଇଁ ତା ୨୦.୦୩.୨୦୨୩ ରିଖ ଠାରୁ ତା ୨୭.୦୩.୨୦୨୩ ରିଖ ମଧ୍ୟରେ ଯେକୌଣସି ସରକାରୀ କାର୍ଯ୍ୟଦିବସରେ ତା ୨୭.୦୩.୨୦୨୩ ରିଖ ଅପରାହ୍ନ ୩ ଘଟିକା ସୁଦ୍ଧା ଦରଖାସ୍ତ ଦାଖଲ କରିପାରିବେ ଏବଂ ସମସ୍ତ ଦରଖାସ୍ତକୁ ଦରଖାସ୍ତକାରୀ କିମ୍ବା ସେମାନଙ୍କ ପ୍ରାଧୀକୃତ ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ତା ୨୭.୦୩.୨୦୨୩ ରିଖ ଅପରାହ୍ନ ୪ ଘଟିକା ସମୟରେ ଗ୍ରହଣ କରାଯାଇଥିବା ଦରଖାସ୍ତ ଗୁଡିକୁ ତନଖି କରାଯାଇ ଲିଜ ନିମନ୍ତେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନୀତ କରାଯିବ ।

ସୁଧାଂଶୁ ଶେଖର ପାତ୍ର

TAHASILDAR
DHENKANAL ୦୨/୨/୨୦୨୩

Scanned with CamScanner

ଯଦି ଉକ୍ତ ସଇରାତ ଉତ୍ସ ପାଇଁ ଏକକ ଦରଖାସ୍ତ ପ୍ରାପ୍ତ ହୋଇଥାଏ , ତେବେ ଏହି ଦରଖାସ୍ତଟିକୁ ଖୋଲା ନଯାଇ ପରବର୍ତ୍ତି ଧାର୍ଯ୍ୟ ତାରିଖ ପର୍ଯ୍ୟନ୍ତ ଏକ ରୁ ଅଧିକ ଦରଖାସ୍ତ ଗ୍ରହଣ ପାଇଁ ଅପେକ୍ଷା କରାଯିବ। ଯଦି, ନିର୍ଦ୍ଧାରିତ ଶେଷ ତାରିଖ ସୁଦ୍ଧା ଏକକ ଦରଖାସ୍ତ ବ୍ୟତିତ ସେହି ଉତ୍ସ ଆଉ କୌଣସି ଦରଖାସ୍ତ ହୋଇନଥାଏ, ତେବେ ସେହି ଏକକ ଦରଖାସ୍ତଟିକୁ ଶେଷ ତାରିଖରେ ଖୋଲା ଯିବ ।

**ଠିକଣା**

***ତହସିଲଦାରଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ***
***ସା/ ପୋ- ଢେଙ୍କାନାଳ, ଜିଲ୍ଲା -ଢେଙ୍କାନାଳ (ଓଡିଶା)***
***ପିନ୍ - ୭୫୯୦୦୧***

**ସର୍ତ୍ତାବଳୀ**

ଆବେଦିତ ଦରଖାସ୍ତ ମାନଙ୍କ ମଧ୍ୟରେ ସର୍ବାଧିକ ଅତିରିକ୍ତ ଦେୟ (Additional Charge) ଦର୍ଶାଇଥିବା ଆବେଦନ ପତ୍ର କୁ ଯୋଗ୍ୟ ବିବେଚିତ କରାଯିବ ।

ବିଜ୍ଞାପନ ଖର୍ଚ୍ଚ ସର୍ବୋଚ୍ଚ ନିଲାମଧାରୀ ବହନ କରିବେ ।

ନିଲାମ ଧାରୀ Mines Act ୧୯୫୨ ଓ Explosive Act ୧୯୮୪ ର ନିୟମ ଓ ନିୟମାବଳୀର ଅର୍ନ୍ତଭୁକ୍ତ ହେବେ ।

ଯଦି ଏକାଧିକ ବ୍ୟକ୍ତି ସମ୍ପୃକ୍ତ ସଇରାତ ଉତ୍ସ ନିମନ୍ତେ ରୟାଲଟି ଉପରେ ସମାନ ମୂଲ୍ୟରେ ଅତିରିକ୍ତ ଦେୟ ଦର୍ଶାଇ ଥାଆନ୍ତି, ତେବେ ଲଟେରୀ ମାଧ୍ୟମରେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନିତ କରାଯିବ ।

ଯୋଗ୍ୟବିବେଚିତ ଆବେଦନକାରୀଙ୍କୁ ମନୋନୟନ ୭ (ସାତ) ଦିନ ମଧ୍ୟରେ ପ୍ରାଧୀକୃତ ଅଧିକାରୀଙ୍କ ଦ୍ଵାରା ନିର୍ଦ୍ଧାରିତ ଫର୍ମ (F) ରେ ଜଣାଇଦିଆଯିବ । ସୂଚନା ପାଇବାର ୧୫ ଦିନ ମଧ୍ୟରେ ମନୋନୀତ ଆବେଦନକାରୀ ସର୍ତ୍ତାବଳୀର ସମ୍ମତି ପ୍ରଦାନ କରିବେ ଓ ଅମାନତ ରାଶି ଦେୟ (Security Deposit) ବାବଦକୁ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (MGQ) ଉପରେ ଦରଖାସ୍ତରେ ଦର୍ଶାଇଥିବା ବାର୍ଷିକ ଅତିରିକ୍ତ ଦେୟ ତଥା ରୟାଲଟି ଏବଂ ଜିଲ୍ଲା ଖଣିଜ ପାଣ୍ଠି କୁ ( District Mineral Foundation) ଦେବାକୁ ଥିବା ଦେୟରୁ ଏକ ଚତୁର୍ଥାଂଶ ରୁ Earnest Money କୁ ବାଦ ଦେଇ ବଳକା ଥିବା ରାଶିର ପରିମାଣ ଜମାକରିବେ ଓ ଏଥି ସହ ପୂର୍ବରୁ ଦାଖଲ ହୋଇଥିବା Earnest Money କୁ ଏକତ୍ର କରି ସୁଧ ରହିତ ଅମାନତ ରାଶି ( Security Deposit) ଭାବରେ ରଖାଯିବ । ଯଦି ମନୋନୀତ ବ୍ୟକ୍ତି ୧୫ ଦିନ ମଧ୍ୟରେ ସମ୍ମତି ନ ଦିଅନ୍ତି ଏବଂ ଅମାନତ ରାଶି ପଇଠ ନକରନ୍ତି , ତେବେ ଦ୍ଵିତୀୟ ସର୍ବାଧିକ ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ।

ସୁଧାଂଶୁ ଶେଖର ପ୍ରଧାନ
TAHASILDAR
DHENKANAL
୨୨/୦୨/୨୦୨୩

Scanned with CamScanner

ଯଦି ଦ୍ୱିତୀୟ ସର୍ବାଧିକ ନିଲାମଧାରୀ, ସର୍ବାଧିକ ନିଲାମଧାରୀଙ୍କ ତୁଳନାରେ ଅସାମାନ୍ୟ ଭାବରେ କମ୍ ମୁଲ୍ୟରେ ଆବେଦନ କରିଥାନ୍ତି, ତେବେ ପ୍ରାଧିକୃତ ଅଧିକାରୀ ନିୟନ୍ତ୍ରଣ ପ୍ରାଧିକାରୀ ଙ୍କ ନଜରକୁ ଏହା ଆଣିପାରିବେ।ଏବଂ ଉପଯୁକ୍ତ ତଦନ୍ତ, ଏବଂ ଉପଯୁକ୍ତ ଯଥାର୍ଥତା ନେଇ ଉକ୍ତ ନିଲାମକୁ ନାକଚ କରିପାରିବେ। ଏହା ପାଇଁ ସାନି ନିଲାମ କରିବାପାଇଁ ନିର୍ଦ୍ଦେଶ ଦେଇପାରିବେ ।

ଯଦି ଦ୍ୱିତୀୟ ସର୍ବାଧିକ ନିଲାମଧାରୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସିକୃତି ନଦିଅନ୍ତି କିମ୍ବା ନିୟନ୍ତ୍ରଣ ପ୍ରାଧିକାରୀ ନିଲାମକୁ Sub-Rule ୧୦ of ୨୭ OMMC Rule ବଳରେ ନାକଚ କରନ୍ତି, ତେବେ ସାନି ନିଲାମ ର ଆବେଦନ ପତ୍ର ବିଜ୍ଞପ୍ତି ପ୍ରକାଶ କରିବା ପାଇଁ ପରବର୍ତ୍ତି ଉଚ୍ଚ ପ୍ରାଧିକାରୀଙ୍କ ଅନୁମୋଦନ ପରେ ଜାରି କରାଯିବ ।

ମାଇନିଙ୍ଗ ପ୍ଲାନ ରେ ଦର୍ଶାଯାଇଥିବା ବାର୍ଷିକ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ ର ପରିମାଣ ଅନୁଯାୟୀ ସମସ୍ତ ଦେୟ ଉକ୍ତ କାର୍ଯ୍ୟାଳୟରେ ପଇଠ କରିସାରିବା ପରେ ଲିଜ୍‌ଧାରୀ ରେଜିଷ୍ଟ୍ରେସନ୍ ଆକ୍ଟ୧୯୦୮ ଓ ଷ୍ଟାମ୍ପ ଆକ୍ଟ ୧୮୯୯ ଅନୁଯାୟୀ ଚୁକ୍ତି ପତ୍ର (Execution lease deed) Form –N ରେ ନିଜସ୍ୱ ଖର୍ଚ୍ଚରେ ସଂପାଦନ କରିବା ବାଧ୍ୟତା ମୂଳକ ଅଟେ ।

ଲିଜ୍‌ଧାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ (ରିହାତି) ନିୟମ ୨୦୧୬ ରେ ଧାର୍ଯ୍ୟ ହୋଇଥିବା ସମସ୍ତ ପ୍ରକାର ଦେୟ ଯଥା ରୟାଲଟି, ଡେଡ୍ ରେଣ୍ଟ, ସରଫେସ୍ ରେଣ୍ଟ, ଅତିରିକ୍ତ ଚାର୍ଜ, ଡି.ଏମ.ଏଫ, ଇ.ଏମ.ଏଫ, ଇନ୍‌କମ ଟାକ୍ସ ଆଦାୟ କରାଯିବ ।

ଏହି ସମସ୍ତ ପ୍ରକ୍ରିୟା ଶେଷ ହେବାପରେ ମନୋନିତ ଆବେଦନକାରୀଙ୍କୁ State Pollution Control Board ର Consent to Establish order / Consent to operate ଏହି କାର୍ଯ୍ୟାଳୟରେ ଦାଖଲ କରିବାକୁ ହେବ । ବିନା Consent to Operate / Consent to Establish order ରେ ଲିଜ୍ ଧାରୀ ଖଣିଜ ଦ୍ରବ୍ୟ ଉତ୍ତୋଳନ କରିପାରିବେ ନାହିଁ ।

ଲିଜଧାରୀ ସଇରାତ ଉତ୍ସର (Mining Plan) ନକ୍ସା ଅନୁଯାୟୀ ଏହା ସୀମାସରହଦ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ସୂଚନା ଫଳକ (Display Board) ଲଗାଇବେ ସେଥିରେ ସଇରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ ।

ଲିଜ୍‌ଧାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ (ରିହାତି) ନିୟମ ୨୦୧୬, ତଥା ସମସ୍ତ ସଂଶୋଧିତ ନିୟମ CTO, CTE , EC ରେ ଥିବା ସମସ୍ତ ସର୍ତ୍ତାବଳୀ , ତତ୍ ସଂଲଗ୍ନ ସମସ୍ତ ସରକାର ଓ ଅଦାଲତ ଙ୍କ ଆଦେଶ କୁ ମାନିବାକୁ ବାଧ୍ୟ ହେବେ ।

ସୁଧାଂଶୁ ଶେଖର ସ୍ୱାଇଁ
TAHASILDAR
DHENKANAL

Scanned with CamScanner

ପ୍ରକାଶ ଥାଉକି ଲିଜ୍ ରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ବ୍ୟକ୍ତି ବିଶେଷଙ୍କ ଉତ୍ସର ପରିଦର୍ଶନ କରି ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଆବେଦନ କରିବା ବାଞ୍ଛନୀୟ । ଲିଜ୍ ନେବା ପରେ ସଇରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବନାହିଁ, ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

ନିଲାମଧାରୀ (Successful Bidder), Mining Plan and environmental clearance ବାବଦକୁ ଦେୟ ପୈଠକରିବାକୁ ହେବ ।

ଜିଲ୍ଲାପାଳ ତଥା Conservator of Forest ଉପଯୁକ୍ତ କାରଣ ଦର୍ଶାଇ ଲିଜ୍ କୁ ରଦ୍ଦକରିବାର ସମସ୍ତ କ୍ଷମତା ରଖନ୍ତି ।

ସୈରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟ ଛୁଟି ଦିନ ବ୍ୟତୀତ ସମସ୍ତ କାର୍ଯ୍ୟଦିବସରେ ମିଳିପାରିବ ଓ ଏହି ସମ୍ବନ୍ଧୀୟ ସଂପୂର୍ଣ୍ଣ ସର୍ତ୍ତାବଳୀ **www.dhenkanal.nic.in** ରେ ଉପଲବ୍ଧହେବ ।

ଯଦି ଏହି ବିଜ୍ଞାପନ ରେ ନିୟମ ଅନୁଯାୟୀ କୌଣସି ତ୍ରୁଟି ପରିଲିକ୍ଷିତ ହୁଏ ତେବେ ଏହାକୁ ସଂଶୋଧନ ତଥା ପରିବର୍ତ୍ତନ କରିବାର ଅଧିକାର ନିମ୍ନସ୍ୱାକ୍ଷରକାରୀ ଙ୍କର ରହିଛି । କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନଦର୍ଶାଇ ଲିଜ୍ କାର୍ଯ୍ୟ ବାତିଲ ବା ସ୍ଥଗିତ କରିପାରିବେ ।

ସୁଧାଂଶୁ ଶେଖର ପ୍ରଧାନ ୨୨/୦୨/୨୦୨୩

ତହସିଲଦାର, ଢେଙ୍କାନାଳ

TAHASILDAR

DHENKANAL

**ସ୍ମାରକ ସଂଖ୍ୟା** ୧୨୩୨ / ତାରିଖ ୨୨.୦୨.୨୦୨୩

ଏହାର ଏକକିତା ନକଲ ଜିଲ୍ଲାପାଳ ଢେଙ୍କାନାଳ ଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସୁଧାଂଶୁ ଶେଖର ପ୍ରଧାନ ୨୨/୦୨/୨୦୨୩

ତହସିଲଦାର, ଢେଙ୍କାନାଳ

TAHASILDAR

DHENKANAL

**ସ୍ମାରକ ସଂଖ୍ୟା** ୧୨୩୩ / ତାରିଖ ୨୨.୦୨.୨୦୨୩

ଏହାର ଏକକିତା ନକଲ ଉପଜିଲ୍ଲାପାଳ, ଢେଙ୍କାନାଳ ଙ୍କ ସଦୟ ଅବଗତି ଓ ବିହିତ ପଦକ୍ଷେପ ନିମନ୍ତେ ପ୍ରେରଣ କରାଗଲା ।

ସୁଧାଂଶୁ ଶେଖର ପ୍ରଧାନ ୨୨/୦୨/୨୦୨୩

ତହସିଲଦାର, ଢେଙ୍କାନାଳ

TAHASILDAR

DHENKANAL

Scanned with CamScanner

ସ୍ମାରକ ସଂଖ୍ୟା ---୧୨୩୪--- / ତାରିଖ --୨୨.୦୨.୨୦୨୩

ଏହାର ଏକକିତା ନକଲ ଗୋଷ୍ଠି ଉନ୍ନୟନ ଅଧିକାରୀ, ସଦର, ଢେଙ୍କାନାଳ / କାର୍ଯ୍ୟନିର୍ବାହୀ ଅଧିକାରୀ, ମ୍ୟୁନିସିପାଲିଟି, ଢେଙ୍କାନାଳ / ସମସ୍ତ ଗ୍ରାମପଞ୍ଚାୟତ /ସମସ୍ତ ରାଜସ୍ୱ ନିରୀକ୍ଷକ, ଢେଙ୍କାନାଳ ତହସିଲଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଏବଂ ଅନୁରୋଧ କରାଗଲାକି ଏହାର ବହୁଳ ପ୍ରଚାର ନିମନ୍ତେ ସେମାନଙ୍କ କାର୍ଯ୍ୟାଳୟର ନୋଟିସ୍ ବୋର୍ଡରେ ଏହା ପ୍ରଦର୍ଶନ କରିବାକୁ ବିହିତ ପଦକ୍ଷେପ ଗ୍ରହଣ କରିବେ ।

୨୨/୦୨/୨୦୨୩

ତହସିଲଦାର, ଢେଙ୍କାନାଳ

TAHASILDAR
DHENKANAL

ସ୍ମାରକ ସଂଖ୍ୟା ---୧୨୩୫--- / ତାରିଖ --୨୨.୦୨.୨୦୨୩

ଏହାର ଏକକିତା ନକଲ ବହୁଳ ପ୍ରଚାର ନିମନ୍ତେ D.I.O (N.I.C), ଢେଙ୍କାନାଳ ଙ୍କୁ ଜିଲ୍ଲା ୱେବ୍‌ସାଇଟ୍ ରେ ଉତ୍ତୋଳନ କରିବାକୁ ପ୍ରେରଣ କରାଗଲା ।

୨୨/୦୨/୨୦୨୩

ତହସିଲଦାର, ଢେଙ୍କାନାଳ

TAHASILDAR
DHENKANAL

Scanned with CamScanner

# ଲିଜ ପାଇଁ ଉଦ୍ଦିଷ୍ଟ ଲଘୁ ଖଣିଜ ସୈରାତ ଉତ୍ସ ର ବିସ୍ତାରିତ ବିବରଣୀ

| କ୍ରମିକ ସଂଖ୍ୟା | ମୌଜା ର ନାମ | ସୈରାତ ଉତ୍ସର ନାମ | ଖାତା ନମ୍ବର | ପ୍ଲଟ ନମ୍ବର | ରକବା (ଏକର ) | କିସମ | ଲଘୁଖଣିଜ ର ନାମ | ରୟାଲଟି ମୂଲ୍ୟ (ଟଙ୍କା ) | ନିର୍ଧାରିତ ଅତିରିକ୍ତ ଦେୟ (ଟଙ୍କା ) | Approved MGQ (in Cum) | ଅଗ୍ରୀମ ହାସଲ କରିବାକୁ ଥିବା ଅମାନତ ରାଶି (ଟଙ୍କା ) |
|---|---|---|---|---|---|---|---|---|---|---|---|
| 1 | କାଇମାଟି | କାଇମାଟି ମାଙ୍କଡା ପଥର ଖଣି (Sairat Case No 3/22-23) | 239 (AJA) | 322 | 2.43 out of 5.43 | ପତିତ | ମାଙ୍କଡା ପଥର | 180 | 220 | 1200 | 24000 /- |

ତହସିଲଦାର ଢେଙ୍କାନାଳ
TAHASILDAR
DHENKANAL

Scanned with CamScanner

| Sl. No. date of Order | Order & signature of the Officer | Action |
|---|---|---|
| 1 | 2 | 3 |
| | The case record is put up today. Perused the case record. The tender process couldn't be completed on the scheduled date & time as no application was received during the dateline.<br><br>Hence, issue fresh tender call notice for auction of the source namely 'Kaimati Laterite Stone Quarry' for long term lease for 5 years. The date of opening of sealed cover of the tender applications is fixed on dt.13.03.2023 at 04:00PM, 20.03.2023 at 04:00PM and 27.03.2023 at 04:00PM.<br><br>Send the tender call notice to the D.I.O(NIC), Dhenkanal to upload in District website for wide publication and send the gist of the long term lease notice to the Deputy Director, I & PR Department, Odisha, Bhubaneswar to publish in daily Odia newspapers for wide publicity.<br><br>Put up on the date fixed to open the lease applications with sealed cover.<br><br>Dictated by me<br>22/02/2023<br>Tahasildar, Dhenkanal<br><br>22/02/2023<br>Tahasildar, Dhenkanal | |

Scanned with CamScanner